ସକାଳ
THE SAKALA



## ସିମୁଳିଆ ମହୋତ୍ସବର ପ୍ରଥମ ପ୍ରସ୍ତୁତି ବୈଠକ



ସିମୁଳିଆ, ୧୨।୧ (ସମିସ): ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକ ପଞ୍ଚାୟତ ସମିତି ସଭା ଗୃହରେ ସିମୁଳିଆ ମହୋତ୍ସବର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି । ସିମୁଳିଆ ମହୋତ୍ସବର ସ୍ଥାୟୀ ସଭାପତି ଗୋକିଳା ନନ୍ଦ ମହାପାତ୍ରଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ସିମୁଳିଆ-ଖଇରା ବିଧାୟକ ପଦ୍ମଲୋଚନ ପଣ୍ଡା, ସମ୍ମାନିତ ଅତିଥି ବିଡ଼ିଓ ସୁନୀଲ କୁମାର ଟୁଡୁ, ସିମୁଳିଆ ଚେୟାରମ୍ୟାନ ବାବାଜୀ ମଲ୍ଲିକ, ଭାଇସ ଚେୟାରମ୍ୟାନ ପ୍ରତିନିଧି ସୂର୍ଯ୍ୟକାନ୍ତ ମହାପାତ୍ର, ଏଇଇ ସରୋଜ ଟୀଗା, ସିମୁଳିଆ ଥାନା ଏଏସଆଇ ସନ୍ତୋଷ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଆଲୋଚନା କରିଥିଲେ । ଚଳିତ ମାସ ୨୮ରୁ ୧ ଫେବୃଆରୀ ପର୍ଯ୍ୟନ୍ତ ସିମୁଳିଆ ମହୋତ୍ସବ ଅନୁଷ୍ଠିତ ହେବ ।

## ବାଇଗଣବାଡିଆ ଶାଖା ପୋଷ୍ଟ ଅଫିସ୍‌ରେ ଅର୍ଥ ଆତ୍ମସାତ

● ମୁଖ୍ୟ ପୋଷ୍ଟମାଷ୍ଟର ଜେନେରାଲଙ୍କ ନିକଟରେ ଅଭିଯୋଗ

ଜଳେଶ୍ୱର, ୧୨।୧ (ସମିସ) : ବାଇଗଣବାଡିଆ ଶାଖା ପୋଷ୍ଟ ଅଫିସ୍‌ରେ ଜମାକାରୀଙ୍କ ଅର୍ଥ କାର୍ଯ୍ୟରତ ପୋଷ୍ଟମାଷ୍ଟର ଆତ୍ମସାତ କରିଥିବା ଅଭିଯୋଗ ହୋଇଛି । ଏସ୍.ବି., ଆର୍‌ଡି, ଏଫ.ଡି, ଟିଡି, ଆର୍‌ପିଏଲଆଇରେ ଜମା ରଖିଥିବା ଗ୍ରାହକ ମାନଙ୍କ ଜମାରାଶିକୁ ବେଆଇନ୍‌ଭାବେ ଉଠାଇ ନିଆଯାଇଥିବା ସଂପର୍କରେ ବାଲେଶ୍ୱର ପୋଷ୍ଟାଲ ସୁପରିଣ୍ଟେଣ୍ଡେଣ୍ଟ, ମୁଖ୍ୟ ପୋଷ୍ଟ ମାଷ୍ଟର ଜେନେରାଲ, ଜିଲାପାଳ ଓ ଜଳେଶ୍ୱର(ପୂର୍ବ) ପୋଷ୍ଟାଲ ଇନିସ୍‌ପେକ୍ଟରଙ୍କଠାରେ ଅଭିଯୋଗ କରାଯାଇଛି । ବାଇଗଣବାଡିଆ ପୋଷ୍ଟ ଅଫିସର ଗ୍ରହକ ଗଂଗଲତା ପ୍ରଧାନ, ସୁମତୀ ପ୍ରଧାନ, ମିନତୀ ପ୍ରଧାନ, କୁମାରକୃଷ୍ଣ କୁଣ୍ଡଙ୍କ ଜମାରାଶି ଟଙ୍କା ଉଠାଇ ନିଆଯାଇଥିବାରୁ ତୁରନ୍ତ ତଦନ୍ତ କରି ଟଙ୍କା ଫେରାଇବାକୁ ସେମାନେ ଦାବି କରିଛନ୍ତି ।

## ସୋରରେ ଖୋଲିଲା ପାଞ୍ଚଟି ଧାନମଣ୍ଡି



ସୋର, ୧୨।୧(ସମିସ): ସୋର ବ୍ଲକର ପାଞ୍ଚଟି ସେବା ସମବାୟ ସମିତିରେ ଧାନମଣ୍ଡି ଆଜି ଉଦଘାଟିତ ହୋଇଯାଇଛି । ସୋର ବ୍ଲକରେ ଥିବା ଅନନ୍ତପୁର, ମହୁମୁହାଣ, ଗୋପୀନାଥପୁର, ପୌର ପାଳିକାର ଅଡଙ୍ଗ ଏବଂ ଉତ୍ତରେଶ୍ୱର ସେବା ସମବାୟ ସମିତିରେ ଧାନମଣ୍ଡିକୁ ସୋର ବିଧାୟକ ମାଧବ ଧଡ଼ା ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଥିଲେ । ଏହି ସମୟରେ ସମସ୍ତ ସେବା ସମବାୟ ସମିତିର ସଭାପତି, ସମ୍ପାଦକଙ୍କ ସମେତ ସମସ୍ତ ସଦସ୍ୟ ମାନେ ଉପସ୍ଥିତ ଥିଲେ ।

## କଚ୍ଛୁଆପଡ଼ା ବସ୍ତିରୁ ହଜଯାତ୍ରା

ବାଲିଆପାଳ, ୧୨।୧ (ସମିସ): ଏହି ବ୍ଲକ କଚ୍ଛୁଆପଡା ବସ୍ତିରୁ ମହିଳା ପୁରୁଷ ମକା ମଦିନାକୁ ଉମ୍ରା ହଜ ଯାତ୍ରା ରେ ଯାଇଛନ୍ତି । ଏହି ଅବସରରେ ସହବୁଦିନ



ସାହାଙ୍କ ନେତୃତରେ କଚ୍ଛୁଆ ପଡା ବସ୍ତିର ଶତାଧିକ ବାସିନ୍ଦା, ମୌଲାନା ଏକ ଆଧାତ୍ମିକ ପରିବେଶ ମଧ୍ୟରେ ହଜ ଯାତ୍ରୀ ସଦିର ସାହା, ସୁରାତନ ବିବି ବାଲିଆପାଳ ଜାମା ମସଜିଦରୁ ଏକ ଶୋଭାଯାତ୍ରାରେ ବାହାରି କଚୁଆ ପଡ଼ା ବଦ୍ଦିରୁଦ୍ଦିନ ପିର ବାବାଙ୍କ ଆସ୍ଥାନ ପର୍ଯ୍ୟନ୍ତ ଯାଇଥିଲେ । ସେଠାରେ ଉପସ୍ଥିତ ବସ୍ତି ବାସିନ୍ଦା ହଜ ଯାତ୍ରା ଶୁଭଙ୍କର ହେଉ ବୋଲି ପିର ବାବାଙ୍କ ଠାରେ ଦୁହା ମାଗିଥିଲେ । ପରେ ସମସ୍ତଙ୍କୁ ହର୍ଷ ମନରେ ବିଦାୟ ଦେଇଥିଲେ । ପରିବାର ଆତ୍ମୀୟସ୍ୱଜନ ଫିରୋଜ ସାହା, ସେକ ସୀତା ରୁଦିନ, ମୌଲାନା ଇଲିଆସ ସାହା, ସେକ ରଫିରୁଦିନ, ସେକ ଗୋଲାମ ସରବର, ଏବଂ ସଲିମ ସାହା, ସେକ କରିମ, ଜୁମା ସାହା, ସେକ ଆବୁଦୁଲ, ଇନତାଜ ସାହା, ସେକ ପାକ ଉପସ୍ଥିତ ଥିଲେ ।

## ପର୍ଯ୍ୟଟନ ସଚିବଙ୍କ ଭୋଗରାଇ ଗସ୍ତ

# ପର୍ଯ୍ୟଟନ ସ୍ଥଳୀର ବିକାଶ ଆଶା ଉଜ୍ଜୀବିତ

ଚନ୍ଦନେଶ୍ୱର, ୧୨।୧(ସମିସ)



ଓଡିଶା ସରକାରଙ୍କ ପର୍ଯ୍ୟଟନ ବିଭାଗର କମିଶନର କମ୍ ସଚିବ ବଲୱନ୍ତ ସିଂ ରବିବାର ବାଲେଶ୍ୱର ଜିଲ୍ଲା ଭୋଗରାଇର ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ବିଚିତ୍ରପୁର ଇକୋ ଟୁରିଜିମ, ମନୋରମ ବେଳାଭୂମି ଉଦୟପୁର, ତାଳସାରୀ ବୁଲି ଦେଖିଥିଲେ । ସେହିପରି ଆଜି ସକାଳେ ବାବା ଭୂଷଣ୍ଡେଶ୍ୱର ଶୈବପୀଠକୁ ଯାଇ ଦର୍ଶନ କରିବା ସହ ନିର୍ମାଣଧିନ ନୂତନ ମନ୍ଦିର ଦେଖିଥିଲେ । ଏହି ଅବସରରେ ଦୀର୍ଘ ଦିନ ବନ ବିଭାଗ ସହିତ ଉପୁଜିଥିବା ବିବାଦର ସମାଧାନ ଆଶା ଉଜ୍ଜିବିତ ହୋଇଛି । ଏହା ଫଳରେ ଏହି ୩ଟି ପର୍ଯ୍ୟଟନ ସ୍ଥଳୀର ଉନ୍ନତି ଲାଗି ସରକାର ତତ୍ପରତା ପ୍ରକାଶ ପାଇଥିବା ଜଣା ପଡ଼ିଛି । ଭୋଗରାଇର ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ସବୁ ଅବହେଳିତ । ପର୍ଯ୍ୟଟକ ଏହି ସବୁ ସ୍ଥାନକୁ ବହୁ ସଂଖ୍ୟାରେ ଆସୁଥିଲେ ମଧ୍ୟ ଆବଶ୍ୟକୀୟ ଭିତ୍ତିଭୂମି ଅଭାବରୁ ନାନା ସମାଲୋଚନା କରିବାକୁ ପଛାନ୍ତି ନାହିଁ । ଏବେ ରାଜ୍ୟ ସରକାର ଏହାର ଭାଗ୍ୟ ପରିବର୍ତ୍ତନ ପାଇଁ ଉଦ୍ୟମ କରିଛନ୍ତି । ବନ ବିଭାଗର ବରିଷ୍ଠ ଅଧିକାରୀଙ୍କ ସହିତ ବିସ୍ତୃତ ଆଲୋଚନା କରାଯାଇଛି । ଶ୍ରୀ ସିଂ ପ୍ରଥମେ ବିଚିତ୍ରପୁର ଇକୋ ଟୁରିଜିମରେ ପହଞ୍ଚି ଥିଲେ । ପରେ ନୌବିହାରରେ ଯାଇ ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିଥିଲେ । ଇକୋ ଟୁରିଜିମଠାରେ ଶୀତତାପ ନିୟନ୍ତ୍ରିତ କୋଟେଜ ବୃଦ୍ଧି ସହ ୨୮ ଏକର ଜାଗାରେ ଇଡକୋ ପକ୍ଷରୁ ତାରକା ହୋଟେଲ ନିର୍ମାଣ ସମ୍ପର୍କରେ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ସହିତ ଆଲୋଚନା ହୋଇଥିଲା । ପରେ ତାଳସାରୀରୁ ଉଦୟପୁର ୨.୬ କିମି ରାସ୍ତା ଚାଲି ଚାଲି ଯାଇଥିଲେ । ଉଦୟପୁର ଠାରୁ ତାଳସାରୀ ୨.୬କି.ମି ବେଳାଭୂମି ସଂଲଗ୍ନ ରାସ୍ତା ସୌନ୍ଦର୍ଯ୍ୟକରଣ ସହିତ ଆଲୋକୀକରଣ ପାଇଁ ପ୍ରାୟ ୧୫ କୋଟି ଟଙ୍କା ମଞ୍ଜୁର ହୋଇଥିଲା । ଏଥିପାଇଁ ୨୧୭ଟି ଡେକୋରେଟିଭ ଖୁଣ୍ଟ ପୋତା ଯାଇ ଥିଲେ ବି ଦୀର୍ଘ ମାସ ହେବ ଆଲୋକ ଜଳିପାରୁ ନାହିଁ । ଏ ନେଇ ଠିକାଦାରଙ୍କୁ ସଚିବ କଡା ତାଗିଦ କରିଥିଲେ । ପରେ ପାନ୍ଥ ନିବାସରେ ଆୟୋଜିତ ଏକ ବୈଠକରେ ସଚିବ ଶ୍ରୀ ସିଂ, ଜିଲ୍ଲାପାଳ, ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଏବଂ ବନ ବିଭାଗର ଆରସିସିଏଫ ପ୍ରକାଶ ଚନ୍ଦ୍ର ଗୋଗିନେନୀ ଉପସ୍ଥିତ ଥିଲେ । ଉଦୟପୁର, ତାଳସାରୀରେ ଗାଡ଼ି ପାର୍କିଂ ପ୍ରାୟ ଅଧ କି.ମି ଦୂରକୁ ସ୍ଥାନାନ୍ତର କରାଯିବ । ଏଥିପାଇଁ ଜାଗା ଚିହ୍ନଟ କରିବାକୁ ଭୋଗରାଇ ତହସିଲଦାର ସୂର୍ଯ୍ୟ କୁମାର ନାୟକଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହାଛଡ଼ା ଦୁଇ ବେଳାଭୂମିକୁ ଆଲୋକୀକରଣ, ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ହାତକୁ ନିଆଯିବା ସମ୍ପର୍କରେ ସବିଶେଷ ଆଲୋଚନା ହୋଇଥିଲା । ଆଲୋଚନା ବେଳେ ବିଧାୟକ ଶ୍ରୀ ଦାସ ଦୁଇ ବେଳାଭୂମିର ବିକାଶ ତଥା ବାବା ଭୂଷଣ୍ଡେଶ୍ୱରଙ୍କ ମନ୍ଦିର ନିର୍ମାଣ ଓ ପାରିପାର୍ଶ୍ୱିକ ଉନ୍ନୟନ ନେଇ ଆଲୋଚନା ହୋଇଥିଲା । ଏହାଛଡା ବେଳାଭୂମି ଉଦୟପୁର ସୀମା ଅନୁଧ୍ୟାନ କରିବା ସହ ସ୍ୱଚ୍ଛତା ସମ୍ପର୍କରେ ଗୁରୁତ୍ୱ ଦେଇ ଥିଲେ । ଏଥିରେ ପର୍ଯ୍ୟଟନ ଅଧିକାରୀ ଅମ୍ଳାନ ନାୟକ, ଇଡକୋର ଡିଏମ ସ୍ମୃତି ରଞ୍ଜନ ମଲ୍ଲିକ, ଏସିଏଫ ଦିଗନ୍ତ ଶୋଭନ ଚାନ୍ଦ, ଜୟଶ୍ରୀ ମୁର୍ମୁ, ଉଦୟପୁର ବନପାଳ ସଞ୍ଜୟ କୁମାର ମହାନ୍ତି, ସାହାବାଜିପୁର ସରପଞ୍ଚ ଅରୁଣ କୁମାର ଗିରି, ପୂର୍ତ୍ତ ବିଭାଗର ଏସଇ ଅଭ୍ରକାନ୍ତି ପଣ୍ଡା, କନିଷ୍ଠ ଯନ୍ତ୍ରୀ ଅମରେଶ ବେହେରା, ବିଚିତ୍ରପୁର ପ୍ରକୃତି ନିବାସର ସଭାପତି ବଳରାମ ପାତ୍ର, ଇକୋ ଟୁରିଜିମର ସଭାପତି ଶମ୍ଭୁନାଥ ମାଝୀ ପ୍ରମୁଖ ସାମିଲ ଥିଲେ ।

## ଯୁଧିଷ୍ଠିର ଉଚ୍ଚ ବିଦ୍ୟା ନିକେତନର ବାର୍ଷିକ ଉତ୍ସବ




ସୋର, ୧୨।୧(ସମିସ): ସୋର ବ୍ଲକ ମାଣିପୁର ପଞ୍ଚାୟତ ଛତରା ଯୁଧିଷ୍ଠିର ଉଚ୍ଚ ବିଦ୍ୟା ନିକେତନର ୩୩ତମ ବାର୍ଷିକ ଉତ୍ସବ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନାରାୟଣ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମକୁ ସକାଳେ ଉଦଘାଟକ ଭାବେ ମାଣିପୁର ସରପଞ୍ଚ ସରୋଜ କୁମାର ମହାପାତ୍ର ଯୋଗଦେଇ ବିଦ୍ୟାଳୟର ପତାକା ଉତ୍ତୋଳନ କରି ଉଦଘାଟନ କରିଥିଲେ । ମଧ୍ୟାହ୍ନରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ସୋର ବିଧାୟକ ମାଧବ ଧଡ଼ା ଯୋଗଦେଇ ବିଦ୍ୟାଳୟ ଆମ ସମାଜର ମନ୍ଦିର, ଏହି ମନ୍ଦିରର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ସମସ୍ତଙ୍କ ସହଯୋଗ ଏକାନ୍ତ କାମ୍ୟ । ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ଖଟୁଆ ଯୋଗଦେଇ ପିଲାମାନେ ପାଠ ପଢିବା ସହିତ ଖେଳ ପ୍ରତି ଆଗ୍ରହ ପ୍ରକାଶ କରିବା ଉଚିତ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ସମାଜସେବୀ ଶଙ୍କର୍ଷଣ ବାରିକ, ଜୟନ୍ତ କୁମାର ସାମଲ, ଆଲୁମିନି କମିଟି ସଭାପତି ସନ୍ତୋଷ କୁମାର ମହାନ୍ତି ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ବିଦ୍ୟାଳୟର ବାର୍ଷିକ କ୍ରୀଡାରେ କୃତି ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅକ୍ଷୟ ପାଢ଼ୀ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ । ଶିକ୍ଷକ ଶଶୀକାନ୍ତ ଶତପଥୀ ଅତିଥିଙ୍କୁ ମଞ୍ଚ ଆହ୍ୱାନ କରିଥିବା ବେଳେ ଶରତ କୁମାର ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶିକ୍ଷକ ଗଙ୍ଗାଧର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଅପରାହ୍ନରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ପଦ୍ମଲୋଚନ ମହାକୁଡ଼, ସୁଦର୍ଶନ ନାୟକ, ପ୍ରଭାତ କୁମାର ମହାପାତ୍ର, ମୁରଲୀଧର ନାୟକ, କିଶୋର କୁମାର ନାୟକଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷା, ଅଣଶିକ୍ଷା କର୍ମଚାରୀଙ୍କ ସହିତ ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଦସ୍ୟ ସଦସ୍ୟା ପରିଚାଳନାରେ ସହଯୋଗ କରିଥିଲେ ।

## ଗ୍ରୀନ ଫିଲ୍ଡ ଯୋଜନାରେ ମଣିପାଟଣା ସଡ଼କ ପାର୍ଶ୍ୱ ଆଲୋକୀକରଣ

ଜଳେଶ୍ୱର/ଜଳେଶ୍ୱର ବ୍ଲକ,୧୨।୧(ସମିସ): ଜଳେଶ୍ୱର ପୌରପାଳିକା ୧୬ନଂ ୱାଡର୍ ଅଲାଲପୁର ମଣିପାଟଣାଠାରେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ପ୍ରଚେଷ୍ଟାରେ ସଡ଼କ ପାଶ୍ୱର୍ ଆଲୋକୀକରଣ କରାଯାଇଛି । ଦୀର୍ଘଦିନ ଧରି ମଣି ପାଟଣା ଗାଁ ସହର ଠାରୁ ବିଛିନ୍ନ ହୋଇ ଅବହେଳିତ ହୋଇପଡ଼ିଥିଲା । ବିଗତ ସରକାର ସଡ଼କ ନିର୍ମାଣ କରିଥିବା ବେଳେ ଏବେର ରାଜ୍ୟ ସରକାରଙ୍କ ୧୫ଲକ୍ଷ ଟଙ୍କାର ଅନୁଦାନରେ ଗ୍ରୀନ ଫିଲ୍ଡ ଯୋଜନାରେ ପଦ୍ମପୋଖରୀ ଠାରୁ ମଣିପାଟଣା ପର୍ଯ୍ୟନ୍ତ ମୁଖ୍ୟରାସ୍ତାର ଉଭୟ ପାଶ୍ୱର୍ରେ ସର୍ବମୋଟ ୭୩ଟି ଲାଇଟ ପୋଷ୍ଟକୁ ବିଜେପି ନେତା ଫାଲ୍ଗୁନୀ ପାଣିଗ୍ରାହୀ ସୁଇଚ ମାରି ଲୋକାର୍ପିତ କରିଛନ୍ତି । କାର୍ଯ୍ୟକ୍ରମରେ ସ୍ଥାନୀୟ କାଉନସିଲର ଲକ୍ଷ୍ମଣ ସରେନ, କାଉନସିଲର ଚନ୍ଦନ ଦାସ, ଯୁବ ସଂଗଠକ ରାଜେଶ ଖଟୁଆ, ପୂର୍ବତନ କାଉନସିଲର ବିଶ୍ୱଭୂଷଣ ଦାସ, ନୀଳମାଧବ ଦେ, ତାପସ ପାଣିଗ୍ରାହୀ, ସପନ ଦେ, ହାସିରୁଦ୍ଦିନ ବକ୍ସ ପ୍ରମୁଖ ଉପସ୍ଥିତ ଥିଲେ । ପଦ୍ମଲୋଚନ ମଣ୍ଡଳ, ତପନ ଭୂୟାଁ, ସିଲୁ ଦେ,



ମାନ୍ନା ରାୟ, ପିଣ୍ଟୁ ମଣ୍ଡଳ, ମନୋରଞ୍ଜନ ଦାସ, ରମେଶ ଦାସ, ଧ୍ରୁବ ଚରଣ କୁଣ୍ଡ, ମନୋଜ ଦାସ ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ୧୮ ରେ ବସ୍ତାରେ ବିଶାଳ ହିନ୍ଦୁ ସମ୍ମିଳନୀ

ବସ୍ତା ବ୍ଲକ, ୧୨।୧ (ସମିସ): ଆସନ୍ତା ୧୮ ତାରିଖରେ ବସ୍ତାରେ ପାଳନ ହେବାକୁ ଯାଉଛି ବିଶାଳ ହିନ୍ଦୁ ସମ୍ମିଳନୀ । ସମଗ୍ର ଭାରତ ବର୍ଷ ତଥା ରାଜ୍ୟରେ ହିନ୍ଦୁ ହିନ୍ଦୁ ଭାଇ ମାନଙ୍କ ମଧ୍ୟରେ ଭାତୃତ୍ୱ ଓ ଦେଶ ମାତୃକାର ସେବା ଭାବନା ଜାଗ୍ରତ ସହିତ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଶହେ ବର୍ଷ ପୂର୍ତ୍ତି ଉପଲକ୍ଷେ ଏହି ବିଶାଳ ହିନ୍ଦୁ ସମ୍ମିଳନୀ ପାଳନ ହେବାକୁ ଯାଉଛି । ଉତ୍ସବ ରେ ବିଭିନ୍ନ ପ୍ରାନ୍ତରୁ ହଜାର ହଜାର ହିନ୍ଦୁ ସହିତ ସାଧୁ ସନ୍ଥ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଏହି କାର୍ଯ୍ୟକ୍ରମ ବସ୍ତାସ୍ଥିତ ଇଶ୍ୱରବର୍ତ୍ତି ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହେବ । ଏଥିପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଥିବା ଆୟୋଜକ ବସ୍ତା ଖଣ୍ଡ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ର କର୍ମକର୍ତ୍ତା ପ୍ରକାଶ କରିଛନ୍ତି ।

## ନୀଳଗିରିରେ ମିଳିତ ଜନଶୁଣାଣି ଶିବିର



ନୀଳଗିରି, ୧୨।୧(ସମିସ): ସୋମବାର ଦିବା ୧୦ଟାରେ ନୀଳଗିରି ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଓ ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକରଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ନୀଳଗିରି ପଞ୍ଚାୟତ ସମିତି ଅନ୍ତର୍ଗତ ବିଭିନ୍ନ ଗ୍ରାମ ପଞ୍ଚାୟତରୁ ମୋଟ ୬୧ ଜଣ ଅଭିଯୋଗକାରୀ ନିଜ ନିଜର ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରିଥିଲେ । ଏହି ଅଭିଯୋଗ ମଧ୍ୟରେ ବ୍ୟକ୍ତିଗତ ଭାବେ ରାସନ କାର୍ଡ, ବାର୍ଦ୍ଧକ୍ୟ ଭତ୍ତା, ସ୍ୱାସ୍ଥ୍ୟ ଚିକିତ୍ସା ସହାୟତା ଏବଂ ସାମୂହିକ ଭାବେ ରାସ୍ତା ଘାଟ ପାନୀୟ ଜଳ ବିଦ୍ୟୁତ୍ ବିଲ ସମସ୍ୟା, ଉଦ୍ୟାନ କୃଷି, ଜଙ୍ଗଲ ଜମି ପଟ୍ଟା, ହାତୀ ଦ୍ୱାରା ଫସଲ କ୍ଷତିଗ୍ରସ୍ତ, ଆଇନ୍ ଶୃଙ୍ଖଳା ସମ୍ପର୍କିତ ଥିଲା । ଏହି ମିଳିତ ଜନଶୁଣାଣୀ ଶିବିରରେ ୧୦ଟି ଅଭିଯୋଗର ତତ୍କାଳ ସମାଧାନ କରିବା ସଙ୍ଗେ ସଙ୍ଗେ ୩ ଜଣ ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ସହାୟତା ପ୍ରଦାନ କରାଯାଇଥିଲା । ଏହି ଜନଶୁଣାଣି କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧକ୍ଷା ଶୁଭଲକ୍ଷ୍ମୀ ମାଝୀ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ହେମନ୍ତ ସିଂ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୟ କୁମାର ରାଉତ, ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ ଡ଼ା. ପ୍ରଭାତ କୁମାର ବେହେରା, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ (ଜିଲ୍ଲା ପରିଷଦ) ଡ. ମଧୁସ୍ମିତା ସାମନ୍ତରାୟ, ସ୍ଥାନୀୟ ଉପ ଜିଲ୍ଲାପାଳ ଶୁଭଶ୍ରୀ ରଥ, ବିଡିଓ ବିକ୍ରମ କେଶରୀ ପରିଡ଼ା ସମେତ ଜିଲ୍ଲା ଏବଂ ଉପଖଣ୍ଡସ୍ତରୀୟ ବିଭିନ୍ନ ବିଭାଗୀୟ ପଦାଧିକାରୀ ଉପସ୍ଥିତ ଥିଲେ ।

## ବସ୍ ଧକ୍କାରେ କଲେଜ ଛାତ୍ରୀ ଆହତ

ରାଜଘାଟ, ୧୨।୧ (ସମିସ): କଲେଜରୁ ଘରକୁ ଫେରୁଥିବା ବେଳେ ଛାତ୍ରୀଙ୍କୁ ଧକ୍କା ଦେଇ ଗୋଡ଼ ଉପରେ ଚଢିଗଲା ଯାତ୍ରୀବାହୀ ବସ୍ । ଗୁରୁତର ଅବସ୍ଥାରେ ଛାତ୍ରୀଙ୍କୁ ଉଦ୍ଧାର କରି ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କଲେ ଲୋକ, ମାତ୍ର ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବାଲେଶ୍ୱର ହସପିଟାଲକୁ ସ୍ଥାନାନ୍ତର କରା ଯାଇଛି । ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଭେଲୋରା ଛକରେ ଘଟିଛି ଏହି ଦୁର୍ଘଯଣା । ବଣିଆମାରୀ ଗ୍ରାମର ମାମୁନି ମାହାନ୍ତି ଅପରାହ୍ନରେ ସାଇକଲରେ ଘରକୁ ଫେରୁଥିବା ବେଳେ ଜଳେଶ୍ୱରରୁ ବାରିପଦା ଅଭିମୁଖେ ଯାଉଥିବା ରିୟା ନାମକ ଏକ ଘରୋଇ ବସ୍ ଭେଲୋରା ଛକ ନିକଟରେ ମାମୁନିଙ୍କୁ ଧକ୍କା ଦେଇ ତାଙ୍କ ଉପରେ ଚଢି ଯାଇ ଖସି ଯିବାକୁ ଉଦ୍ୟମ କରୁଥିବା ବେଳେ ସ୍ଥାନୀୟ ଲୋକମାନେ ଗୋଡାଇ ଗୋଡାଇ ବସ୍‌କୁ ଅଟକାଇ ଥିଲେ । ଦୁର୍ଘଟଣା ଘଟାଇ ଡ୍ରାଇଭର ଘଟଣାସ୍ଥଳରୁ ଚମ୍ପଟ ମାରିଥିବା ବେଳେ କଣ୍ଡକ୍ଟରକୁ ଅଟକ ରଖିଛନ୍ତି ଲୋକେ । ଦୁର୍ଘଟଣା ପରେ ଘଟଣା ସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିବା ବେଳେ ବସ୍ତା ପୁଲିସ ପହଞ୍ଚି ଘଟଣାର ତଦନ୍ତ ଜାରିରଖିଛି ।







## ରାସ୍ତାରେ ମାଟି ଖୋଳି ଯାତାୟାତରେ ବାଧା

ଚନ୍ଦନେଶ୍ୱର, ୧୨।୧ (ସମିସ)



ଭୋଗରାଇର କଖଡା ପଞ୍ଚାୟତ ଅଧୀନ ପୁରୁଷୋତ୍ତମପୁର( ବାଡ଼ହରି) ଗାଁରେ ଦୀର୍ଘ ୩୫ ବର୍ଷ ଧରି ସର୍ବ ସାଧାରଣରେ ବ୍ୟବହାର ହୋଇ ଆସୁଥିବା ରାସ୍ତାରୁ ମାଟି ଖୋଳି ଗର୍ତ୍ତ କରାଯାଇଛି । ଫଳରେ ଗାଁଲୋକେ ଯାତାୟାତରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏ ନେଇ ଗାଁଲୋକେ ଭୋଗରାଇ ତହସିଲଦାରଙ୍କୁ ଲିଖିତ ଅଭିଯୋଗ କରିଛନ୍ତି । ରାସ୍ତାଟିର ସ୍ଥିତାବସ୍ଥା ବଜାଇ ରଖିବାକୁ ସେମାନେ ନିବେଦନ କରିଛନ୍ତି ।

ମିଳିଥିବା ସୂଚନା ଅନୁଯାୟୀ, ପୁରୁଷୋତ୍ତମପୁର ଗାଁର ସୁଶାନ୍ତ ଦାସ ଘର ପାଖରୁ ମଧୁସୂଦନ ପାତ୍ରଙ୍କ ଘର ପର୍ଯ୍ୟନ୍ତ ସରକାରୀ ରାସ୍ତା ରହିଛି । ମାତ୍ର ୩୫ବର୍ଷ ପୂର୍ବରୁ ଗ୍ରାମବାସୀଙ୍କ ନିବେଦନ କ୍ରମେ ରାସ୍ତାଟିକୁ ସିଧା କରିବା ପାଇଁ ବ୍ୟକ୍ତିଗତ ସମ୍ପତ୍ତି ଛାଡି ଥିଲେ । ବଦଳରେ ସରକାରୀ ରାସ୍ତାକୁ ଦଖଲକୁ ନେଇଥିଲେ । ବ୍ୟବହାର ହେଉଥିବା ରାସ୍ତା ଦେଇ ପଞ୍ଚାୟତର ପାଣି ପାଇପ ରହିବା ସହିତ ବିଜୁଳି ଖୁଣ୍ଟ ମଧ ରହିଛି । ମାତ୍ର ଏବେ କିଛି ସ୍ୱାର୍ଥପର ବ୍ୟକ୍ତି ଉକ୍ତ ରାସ୍ତାକୁ ଅବରୋଧ କରୁଛନ୍ତି । ୩୫ବର୍ଷ ପୂର୍ବରୁ ସରକାରୀ ରାସ୍ତା ଦଖଳୁ ନେଇଥିବା ବ୍ୟକ୍ତିମାନେ ଘରଦ୍?ାର କରି ସାରିଲେଣି । ଯାହାକୁ ନେଇ ସମସ୍ୟା ଉପୁଜୁଛି । ଉକ୍ତ ରାସ୍ତା ଦେଇ ପଶ୍ଚିମବଙ୍ଗ ଏବଂ କଖଡାର ଲୋକମାନେ ଚନ୍ଦନେଶ୍ୱର ବଜାରକୁ ଯା'ଆସ କରନ୍ତି । ସେହିଭଳି ମୁଣ୍ଡାବଣିଆ ଏବଂ ବିଭିନ୍ନ ଗାଁର ଲୋକେ ହାଟ ସରିଷା ହାଟ ଏବଂ ପଶ୍ଚିମବଙ୍ଗକୁ ମଧ୍ୟ ଯା' ଆସ କରନ୍ତି । ମାତ୍ର ରାସ୍ତାରୁ ମାଟିକାଟି

### ତହସିଲଦାରଙ୍କୁ ଲିଖିତ ଅଭିଯୋଗ କଲେ ଗାଁବାସୀ

ଗାତ ଖୋଳି ଦେବା ଦ୍ୱାରା ନାହିଁ ନଥିବା ସମସ୍ୟା ସୃଷ୍ଟି ହେଉଛି । ପଂଚାୟତର ସମିତି ସଦସ୍ୟାଙ୍କ ପ୍ରତିନିଧ ଅର୍ଜୁନ ପ୍ରହରାଜ ସମାଧାନ ପାଇଁ ଉଦ୍ୟମ କରିଥିଲେ ମଧ ସମ୍ଭବ ହେଉନି । ତେଣୁ ରାସ୍ତାଟିର କୌଣସି ସ୍ଥାୟୀ ସମାଧାନ ନହେବା ଯାଏଁ ସ୍ଥିତାବସ୍ଥା ବଜାଇ ରଖିବାକୁ ଗାଁର ହରିଶ ବେହେରା, ତନ୍ଦ୍ରାରାଣୀ ଦାସ, ବିଶ୍ୱଜିତ ବସୁ, ହରିହର ପାତ୍ର, ଅଧୀର ବେହେରା, ସୁଶିଲ ମହାନ୍ତି ପ୍ରମୁଖ ତହସିଲଦାରଙ୍କୁ ନିବେଦନ କରିଛନ୍ତି ।

## ବେଆଇନ ଦୋକାନ ଘର ଉଚ୍ଛେଦ



ସିମୁଳିଆ, ୧୨।୧ (ସମିସ): ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଜାତୀୟ ରାଜପଥ ପାଶ୍ୱର୍ରେ ବେଆଇନ ଦୋକାନ ଘର ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଛି । ସିମୁଳିଆ ଥାନା ଅନ୍ତର୍ଗତ ଜାମ୍ବୁଝାଡ଼ି ପଞ୍ଚାୟତର ଝଟିଆମାଳ ବଜାରଟି ୨.୭୩ଏକର ମେଳଣ ପଡିଆରେ ଖାତା ନଂ ୧୨୫୦ରେ ଓ ୩.୧୪ଏକର ଗୋଚର ଜମିରେ ବେଆଇନ ଭାବେ ଗଢି ଉଠିଥିବା ୬୦ରୁ ଅଧିକ ଦୋକାନ ଘରକୁ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଛି । ଉଚ୍ଛେଦ ସମୟରେ ମାଜିଷ୍ଟ୍ରେଟ ଭାବେ ସୋର ତହସିଲଦାର ଦୈତାରୀ ମଲ୍ଲିକ ଉପସ୍ଥିତ ଥିଲେ । ସିମୁଳିଆ ଭାରପ୍ରାପ୍ତ ତହସିଲଦାର ନିତ୍ୟାନନ୍ଦ ସେଠୀ, ଜାମୁଝାଡ଼ି ରାଜସ୍ୱ ନିରୀକ୍ଷିକା ସରସୀ ମହାନ୍ତିଙ୍କ ସମେତ ସିମୁଳିଆ ତହସିଲ ଅଧିନ କାର୍ଯ୍ୟରତ ରାଜସ୍ୱ ନିରୀକ୍ଷକ, ଅଗ୍ନିଶମ ବିଭାଗ, ବିଦ୍ୟୁତ ବିଭାଗ, ଏବଂ ସିମୁଳିଆ ପୁଲିସ ପକ୍ଷରୁ ଏକ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା ।



**ବାବା ଭୂଷଣ୍ଡେଶ୍ୱର ପୀଠ ନିର୍ମାଣ ପାଇଁ ୫୦ କୋଟି ମଞ୍ଜୁର ଘୋଷଣା**

# ଭ୍ରମିତ କରୁଛନ୍ତି ସାଂସଦ: ବିଜେଡି ବିଧାୟକ

ବାଲେଶ୍ୱର(ଉତ୍ତର)/ ଭୋଗରାଇ,୧୨।୧(ସମିସ)



ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକର ବେଳାଭୂମି ପର୍ଯ୍ୟଟନ ସହିତ ବାବା ଚନ୍ଦନେଶ୍ୱର ଓ ବାବା ଭୂଷଣ୍ଡେଶ୍ୱର ଶୈବପୀଠ ଭଳି ତୀର୍ଥ ପର୍ଯ୍ୟଟନ କ୍ଷେତ୍ରର ଉନ୍ନତି ହୋଇପାରୁନାହିଁ। ଜଙ୍ଗଲ ବିଭାଗର ସିଆରଜେଡ ଓ ପିଆରଏଫର କଟକଣା ଫଳରେ ବେଳାଭୂମି ସଂଲଗ୍ନ ଅଞ୍ଚଳରେ ଉନ୍ନୟନ କାର୍ଯ୍ୟ କରିବା ସମ୍ଭବ ହୋଇପାରୁ ନାହିଁ। ତତ୍କାଳୀନ ନବୀନ ସରକାରଙ୍କ ଅମଳରେ ଏ ବାବଦରେ ପ୍ରୟାସ କରାଯିବା ସହ ଅନେକ ଉନ୍ନତି ମୂଳକ କାର୍ଯ୍ୟ ହୋଇଥିଲା। ମାତ୍ର ଓଡ଼ିଶାରେ ବିଜେପିର ଡବଲ ଇଞ୍ଜିନ ସରକାର ଆସିବାର ୧୫ ମାସ ବିତିଲାଣି କିନ୍ତୁ କେବଳ ଘୋଷଣାକୁ ଛାଡ଼ିଦେଲେ କାମ ଶୂନ। କେବଳ ତାହା ନୁହଁ ବାବା ଭୂଷଣ୍ଡେଶ୍ୱରଙ୍କ ନୂତନ ମନ୍ଦିର ନିର୍ମାଣକୁ ନେଇ ନିର୍ବାଚନ ପୂର୍ବରୁ ଏବଂ ପରେ ଏ ନେଇ ଅନେକ ଆଲୋଚନା, ସମାଲୋଚନା ହୋଇଛି। ମାତ୍ର ଏଇ ନିକଟରେ କୌଣସି ସରକାରୀ ନିଷ୍ପତ୍ତି ହୋଇନଥିବା ବେଳେ ପର୍ଯ୍ୟଟନ ମନ୍ତ୍ରୀ ତଥା ରାଜ୍ୟର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଭୂଷଣ୍ଡେଶ୍ୱର ମନ୍ଦିର ନିର୍ମାଣ ଓ ପାରିପାର୍ଶ୍ୱିକ ଉନ୍ନୟନ ପାଇଁ ୧୦କୋଟି ଟଙ୍କା ଘୋଷଣା କରିବା ଏବଂ ତା'ର କିଛିଦିନ ପରେ ପୁଣି ବାଲେଶ୍ୱର ସାଂସଦ ତଥା ବିଜେପିର ବରିଷ୍ଠ ନେତା ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଗଣମାଧ୍ୟମକୁ ବାଇଟ୍ ଦେଇ ଏଥିପାଇଁ ୫୦କୋଟି ଟଙ୍କା ମଞ୍ଜୁର ହୋଇସାରିଥିବା ନେଇ ସୂଚନା ଦେଇଥିଲେ। ଖାଲି ସେତିକି ନୁହେଁ ବିଜେପିର ଦଳର ସ୍ଥାନୀୟ ନେତା ମାନେ ଏଠାରେ ସାମ୍ବାଦିକ ସମ୍ମିଳନୀ ଡାକି ଏହାକୁ ନେଇ ବ୍ୟାପକ ପ୍ରଚାର ପ୍ରସାର କଲେ ତା'ର ସତ୍ୟତା ଏବେ ଧରା ପଡ଼ିଯାଇଛି। ଏଭଳି କେବଳ ଭୋଗରାଇବାସୀଙ୍କୁ ନୁହଁ ସମଗ୍ର ଓଡିଶା ବାସୀଙ୍କୁ ଭ୍ରମିତ କରିବାର ଚେଷ୍ଟା କରାଯାଇଛି। ଯାହା ବାଲେଶ୍ୱର ସାଂସଦଙ୍କ ୨୦୨୫ ମସିହାର ସବୁଠାରୁ ଶ୍ରେଷ୍ଠ ଜୁମଲା ବୋଲି ଆଜି ଭୋଗରାଇ ବିଜେଡି ପାର୍ଟି କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ କହିଛନ୍ତି।

ବିଜେଡି ବ୍ଲକ ସଭାପତି ରମାକାନ୍ତ କରଣଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି ସମ୍ମିଳନୀରେ ବିଧାୟକ ଶ୍ରୀ ଦାସ ସୂଚନା ଦେଇଥିଲେ ଯେ ଭୋଗରାଇରେ ଥିବା ସମସ୍ତ ପର୍ଯ୍ୟଟନ କ୍ଷେତ୍ର ଏବଂ ଭୋଗରାଇ ବାସୀଙ୍କ ବହୁ ପ୍ରତୀକ୍ଷିତ ବାବା ଭୂଷଣ୍ଡେଶ୍ୱର ଭବ୍ୟ ମନ୍ଦିର ନିର୍ମାଣ ପାଇଁ ପ୍ରୟାସ ଜାରୀ କରି ଆସୁଛୁ। ଏ ନେଇ ସେ ବାରମ୍ବାର ପର୍ଯ୍ୟଟନ ବିଭାଗ ସଚିବ, ପୂର୍ତ୍ତ ବିଭାଗର ମନ୍ତ୍ରୀ ଏବଂ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ାଙ୍କ ସହ ଆଲୋଚନା କରିଛନ୍ତି। ସେମାନେ ମଧ୍ୟ ପ୍ରତିଶ୍ରୁତି ଦେଇଛନ୍ତି। ଆଜି ପର୍ଯ୍ୟଟନ ସଚିବ ଭୋଗରାଇ ଗସ୍ତ ସମୟରେ ବିଭାଗୀୟ ଅଧିକାରୀ ଏବଂ ବାଲେଶ୍ୱର ଜିଲ୍ଲାପାଳଙ୍କ ସହିତ ହୋଇଥିବା ଆଲୋଚନାରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଦ୍ୱାରା ଭୂଷଣ୍ଡେଶ୍ୱର ମନ୍ଦିର ପାଇଁ ଯେଉଁ ୫୦ କୋଟି ଟଙ୍କା ମଞ୍ଜୁର ଘୋଷଣାର ସତ୍ୟତା କେତେ ତାହା ଜଣାପଡିଛି ବୋଲି ଶ୍ରୀ ଦାସ କହିଛନ୍ତି। ୫୦କୋଟି ମଞ୍ଜୁର କଥା ଛାଡ଼, ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଯେଉଁ ୧୦ କୋଟି ମଞ୍ଜୁର କରାଯିବା ନେଇ ଯେଉଁ ଘୋଷଣା କରିଥିଲେ ତାହା ମଧ୍ୟ ଏପର୍ଯ୍ୟନ୍ତ ସରକାରୀ କିମ୍ବା ବିଭାଗୀୟ ସ୍ତରରେ ଆଲୋଚନା ହୋଇନାହିଁ। ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ସୂଚନା ଅନୁଯାୟୀ ଏବେ ଏବେ ୯କୋଟି ୯ ୯ ଲକ୍ଷ ଟଙ୍କାର ଏକ ଡିପିଆର ପ୍ରସ୍ତୁତ କରାଯାଇ ପର୍ଯ୍ୟଟନ ବିଭାଗକୁ ପଠାଯାଇଛି। ବିଧାୟକ ଶ୍ରୀ ଦାସ ଦାବୀ କରିଛନ୍ତି ଯେ ବାଲେଶ୍ୱର ସାଂସଦ ଭୂଷଣ୍ଡେଶ୍ୱରଙ୍କ ମନ୍ଦିର ନିର୍ମାଣକୁ ନେଇ ଭୋଗରାଇ ବାସୀଙ୍କ ଭାବାବେଗକୁ ଆଘାତ କରିଛନ୍ତି ତାହାକୁ ସତ୍ୟରେ ପରିଣତ କରାନ୍ତୁ। ତାଙ୍କ ଦ୍ୱାରା ଘୋଷିତ ଅର୍ଥ ଶୀଘ୍ର ମଞ୍ଜୁର କରି ଏସିଆର ସର୍ବବୃହତ ଶିବଲିଙ୍ଗ ବାବା ଭୂଷଣ୍ଡେଶ୍ୱରଙ୍କ ମନ୍ଦିର ନିର୍ମାଣ ସମେତ ଏହାର ପାରିପାର୍ଶ୍ୱିକ ଉନ୍ନତି କରି ଏହାକୁ ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳୀରେ ପରିଣତ କରନ୍ତୁ। ବିଜେଡି ଦଳ ଏବଂ ମୁଁ ନିଜେ ଏହାକୁ ସ୍ୱାଗତ କରିବା ସହିତ ସମ୍ପୂର୍ଣ୍ଣ ଭାବେ ସହଯୋଗ କରିବି ବୋଲି ଶ୍ରୀ ଦାସ ଦାବି ରଖିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ବିଜେଡି ଜିଲ୍ଲା ଉପସଭାପତି ତପନ କୁମାର ପଣ୍ଡା, ବ୍ଲକ ବିଜେଡି ସମ୍ପାଦକ ହେମନ୍ତ ବେହେରା, ଜିଲ୍ଲା ପରିଷଦ ସଦସ୍ୟା ନିବେଦିତା ମହାନ୍ତି, କବିତା ମହାନ୍ତି, ଦମୟନ୍ତୀ ସାହୁ, ଜିଲ୍ଲା ପରିଷଦ ସଦସ୍ୟ ଗିରିଶ ଚନ୍ଦ୍ର ଦତ୍ତ, ନିଶିକାନ୍ତସାହୁ, ଅଶୋକ ସାହୁ, ରାଜବ୍ରତ ମହାନ୍ତି, ସନ୍ତୋଷ ସାସମଲ ପ୍ରମୁଖ ଉପସ୍ଥିତ ଥିଲେ।

**● କଣ୍ଟେନରରୁ ତେଲ ସରିଯିବାରୁ ଅଟକିରହିଲା**

## ଜାତୀୟ ରାଜପଥ ଘଣ୍ଟାଏ ଜାମ୍

ରାଜଘାଟ, ୧୨।୧ (ସମିସ): ୧୬ ନମ୍ବର ଜାତୀୟ ରାଜପଥରେ ଭେଲୋରା ଛକ ନିକଟରେ ସୋମବାର ରାତ୍ରି ୮ଟା ସମୟରେ ବାଲେଶ୍ୱରରୁ ଜଳେଶ୍ୱର ଅଭିମୁଖେ ଯାଉଥିବା ଏକ କଣ୍ଟେନରର ତେଲ ସରିଯିବାରୁ ରାସ୍ତା ମଝିରେ ଛିଡା ହୋଇଯାଇଥିଲା। ଫଳରେ ଦୀର୍ଘ ଏକ ଘଣ୍ଟା ଧରି ଜାତୀୟ ରାଜପଥ ଉଭୟ ପାଶ୍ୱର୍ ଜାମ ହୋଇଯାଇଥିଲା। ଆମ୍ବୁଲାନ୍ସ ଭଳି ଜରୁରୀ ସେବା ଯୋଗାଉଥିବା ଗାଡି ମଧ୍ୟ ଜାମ ହୋଇଯାଇଥିବା ଦେଖିବାକୁ ମିଳିଥିଲା। ଘଟଣା ସ୍ଥଳରେ ଯୁବ ସାମ୍ବାଦିକ ଅଜିତ କୁମାର ସାହୁ ପହଞ୍ଚି ଜାତୀୟ ରାଜପଥ ଓ



ବସ୍ତା ପୁଲିସକୁ ଖବର ଦେଇଥିଲେ ଖବର ପାଇ ଜାତୀୟ ରାଜପଥ ପହରା ପୁଲିସ ଓ ରାଜପଥ କର୍ତ୍ତୃପକ୍ଷ ପହଞ୍ଚି କ୍ରେନ ଯୋଗେ ଉକ୍ତ ଗାଡିକୁ ସାଇଡ୍ କରିବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା।

## ସୋରର ଦୁଇଟି ସ୍ଥାନରେ ଅଗ୍ନିକାଣ୍ଡ

ସୋର,୧୨।୧(ସମିସ): ସୋମବାର ମଧ୍ୟାହ୍ନରେ ସୋର ପୌରାଞ୍ଚଳ ୧୮ ନମ୍ବର ୱାର୍ଡ କ୍ଷୀରକୋଣି ଗ୍ରାମର ରମେଶ ଚନ୍ଦ୍ର ବେହେରାଙ୍କ ଘରେ ବିଦ୍ୟୁତ ସର୍ଟସର୍କିଟ କାରଣରୁ ଘରେ ନିଆଁ ଲାଗିଥିଲା। ଖବର ପାଇ ସୋର ଅଗ୍ନିଶମ ବିଭାଗର କର୍ମଚାରୀମାନେ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ ମଧ୍ୟ ସେତେବେଳକୁ ଗୋଟିଏ ବଖରା ଚାଳ ଘର ସମେତ ୨୨ ବସ୍ତା କୁକୁଡା ଦାନା, ୪ଟି ଫେନ ଓ ଏକ ପାଳ ଗଦା ଜଳିଯାଇଥିଲା। ସେହିପରି ସୋର ବ୍ଲକ ସାଜନପୁର ପଞ୍ଚାୟତ ଅଙ୍କବ୍ରହ୍ମପୁର ଗ୍ରାମର ସୁଜାତା ରାଉତଙ୍କ ଗୁହାଳ ଘରେ କୌଣସି କାରଣରୁ ଅଗ୍ନିକାଣ୍ଡ ଘଟିବାରୁ ଗୋଟିଏ ବଖରା ଘର ଜଳିପାଉଁଶ ହୋଇଯାଇଥିଲା। ଖବର ପାଇ ସୋର ଅଗ୍ନିଶମ ବିଭାଗର କର୍ମଚାରୀମାନେ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିବା ଜଣାପଡିଛି।

**● ବାବା ଲଙ୍କେଶ୍ୱର ଆନ୍ତଃଜିଲ୍ଲା କ୍ରିକେଟ**

## ବାଲେଶ୍ୱର ଆଦର୍ଶ କ୍ଲବ ବିଜୟୀ

ଖଇରା,୧୨।୧ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗଣ୍ଡିବେଡ ହାଇସ୍କୁଲ ପଡିଆରେ ଚାଲିଥିବା ବାବା ଲଙ୍କେଶ୍ୱର ଆନ୍ତଃଜିଲା କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲରେ ବାଲେଶ୍ୱର ଆଦର୍ଶ କ୍ଲବ ଭଦ୍ରକର ସୂର୍ଯ୍ୟଶିଖା କ୍ଲବକୁ ୧୯୧ରନର ବିଶାଳ ସ୍କୋର ବ୍ୟବଧାନରେ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ଆଦର୍ଶ କ୍ଲବ ରାଉଳ ଗୁପ୍ତାଙ୍କ ଧୂଆଁଧାର ବ୍ୟାଟିଂ ବଳରେ ନିର୍ଦ୍ଧାରିତ ୨୦ଓଭରରେ ୨୪୨ ରନ ସଂଗ୍ରହ କରିଥିଲା। ୨୪୩ ରନର ଲକ୍ଷ୍ୟ ନେଇ ପଡିଆକୁ ଓହ୍ଲାଇଥିବା ସୂର୍ଯ୍ୟଶିଖାର ଦ୍ରୁତ ଉଇକେଟ ପତନ ଯୋଗୁଁ ୧୦.୪ ଓଭରରେ ସମସ୍ତ ଉଇକେଟ ବିନିମୟରେ ମାତ୍ର ୫୧ରନ କରି ଶୋଚନୀୟ ପରାଜୟର ସମ୍ମୁଖୀନ ହୋଇଥିଲା। ଓସିଏ ପ୍ୟାନେଲ ଅମ୍ପାୟାର ସୁଧାଂଶୁ ଲେଙ୍କା ଏବଂ ରାଜୀବ ପାତ୍ର ମ୍ୟାଚ ପରିଚାଳନା କରିଥିଲେ। କମିଟି ସଭାପତି ଅଭିମନ୍ୟୁ ରାଉଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପୁରସ୍କାର ବିତରଣୀ ସଭାରେ ପୂର୍ବତନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ବାଲେଶ୍ୱର ର ବିଜେଡି ଏମପି ପ୍ରାର୍ଥିନୀ ଲେଖାଶ୍ରୀ ସାମନ୍ତସିଂହାର, ପୂର୍ବତନ ବିଧାୟକ ସ୍ୱରୂପ ଦାସ ଓ ସୁଧାଂଶୁ ଶେଖର ପରିଡା, ବିଶ୍ୱଭୂଷଣ ପ୍ରଧାନ, ରବିନ୍ଦ୍ର ମହାନ୍ତି, ବରିଷ୍ଠ ସଦସ୍ୟ ଅରୁଷ ମହାକୁଡ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଖେଳାଳୀଙ୍କୁ ପୁରସ୍କୃତ କରିଥିଲେ। ସୁଶାନ୍ତ ମହାପାତ୍ର ଅତିଥି ପରିଚୟ ଓ ଶୁଭ ସୁନ୍ଦର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।



## ଧାନମଣ୍ଡି ଖୋଲିଲା

ରାଜଘାଟ, ୧୨।୧ (ସମିସ): ବସ୍ତା ବ୍ଲକ୍ ଭେଲୋରା ସ୍ଥିତ ସନ୍ତୋଷପୁର ସେବା ସମବାୟ ସମିତି ପକ୍ଷରୁ ସୋମବାର ପୂର୍ବାହ୍ନଠାରୁ ଧାନମଣ୍ଡି ଖୋଲିଛି। ଚଳିତ ୨୦୨୫- ୨୬ ବର୍ଷ ଖରିଫ ଧାନ ବିକ୍ରି କରିବା ପାଇଁ ସମିତିରେ ୫୪୭ ଜଣ ଚାଷୀ ପଞ୍ଜୀକରଣ କରିଥିବା ବେଳେ ଏ ବର୍ଷ ପ୍ରଥମ ପର୍ଯ୍ୟାୟରେ ଦୁଇ ହଜାର କୁଇଣ୍ଟାଲ ଧାନ କିଣାଯିବାକୁ ଟାର୍ଗେଟ ରହିଛି। ସମିତିର ସଭାପତି ସୁନିଲ୍ କୁମାର ସେନାପତି ପୂଜାର୍ଚ୍ଚନା କରି ଶ୍ରୀଫଳ ଫଟାଇ ବିଧିବଦ୍ଧ ଭାବେ ମଣ୍ଡିକୁ ଉଦଘାଟନ କରିଥିବା ବେଳେ ଅତିଥି ଭାବେ ଗୁଡିଖାଳ ରାଜସ୍ୱ ନୀରିକ୍ଷକ ମନୋଜ ସେଠୀ, ସନ୍ତୋଷପୁର ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଗ୍ରାମ କୁମାର ଦାସ,ସମିତିର ସମସ୍ତ ନିର୍ଦ୍ଦେଶକ, ଧାନକ୍ରୟ କମିଟିର ସମସ୍ତ ସଦସ୍ୟ ଓ ଚାଷୀମାନେ ଉପସ୍ଥିତ ଥିଲେ। ଆଜି ପ୍ରଥମ ଦିନରେ ୧୪ ଚାଷୀଙ୍କ ଠାରୁ ୨୫୯.୬୯ କୁଇଣ୍ଟାଲ ଧାନ କିଣା ଯାଇଥିବା ସମିତିର ସମ୍ପାଦକ ଅଞ୍ଜନ କୁମାର ଦାସ ପ୍ରକାଶ କରିଛନ୍ତି।

## ପ୍ରଧାନଶିକ୍ଷକଙ୍କ ଉପରୁ ନିଲମ୍ବନ ପ୍ରତ୍ୟାହୃତ

ବାଲିଆପାଳ, ୧୨।୧ (ସମିସ): ବାଲିଆପାଳ ବ୍ଲକ ବଡାଶ ପଞ୍ଚାୟତର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଗତ ଗୁରୁବାର ଫଳକ ଭାଙ୍ଗି ଛାତ୍ର ମୃତ୍ୟୁ ଭଳି ଘଟିଥିବା ଅଭାବନୀୟ ଘଟଣାକୁ କେନ୍ଦ୍ର କରି ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ଶୁକ୍ରବାର ବିଳମ୍ବିତ ରାତ୍ରିରେ ନିଲମ୍ବିତ କରାଯାଇଥିଲା। ଯାହାକୁ ନେଇ ପ୍ରାଥମିକ ଶିକ୍ଷକ ସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସୂଚନା ଦେଇଥିଲା। ଆଜି ଅପରାହ୍ନରେ ଶିକ୍ଷକ ସଂଘର କର୍ମକର୍ତ୍ତା ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗବନ୍ଧୁ ଜେନାଙ୍କୁ ଭେଟି କୌଣସି କାରଣ ନ ଥାଇ ପ୍ରଧାନ ଶିକ୍ଷକଙ୍କୁ ନିଲମ୍ବନ ଆଦେଶ ପ୍ରତ୍ୟାହାର ପାଇଁ ଚାପ ସୃଷ୍ଟି କରିବା ସହିତ ତଦନ୍ତ କରି ପ୍ରକୃତ ଦୋଷୀ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ। ନିଲମ୍ବିତ ପ୍ରଧାନ ଶିକ୍ଷକ ଗୋପାଳ ପଣ୍ଡିତ ଜଣେ କର୍ତ୍ତବ୍ୟ ନିଷ୍ଠ ଏବଂ ଛାତ୍ର ବତ୍ସଳ ପ୍ରଧାନ ଶିକ୍ଷକ ଭାବରେ ସମ୍ପୂର୍ଣ୍ଣ ବାଲିଆପାଳ ବ୍ଲକରେ ପରିଚିତ। କୌଣସି କାରଣ ନଥାଇ ଜଣେ କର୍ତ୍ତବ୍ୟନିଷ୍ଠ ପ୍ରଧାନ ଶିକ୍ଷକଙ୍କୁ ନିଲମ୍ବନ କରିବା ଦ୍ୱାରା ଦୀର୍ଘ ୭୨ଘଣ୍ଟା ଧରି ସେ ମାନସିକ ଯନ୍ତ୍ରଣା ଭୋଗୁଥିବା ନେଇ ଶିକ୍ଷକ ସଂଘର କର୍ମକର୍ତ୍ତା ମାନେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତେଣୁ ତାଙ୍କ ନିଲମ୍ବନ ଆଦେଶକୁ ଯଥାଶୀଘ୍ର ପ୍ରତ୍ୟାହାର କରିବା ପାଇଁ ଶିକ୍ଷକ ସଂଘ ଦାବି କରିଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ୭୨ଘଣ୍ଟା ପରେ ପ୍ରଧାନ ଶିକ୍ଷକ ଗୋପାଳ ପଣ୍ଡିତଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର କରିଥିବା ଜଣାପଡ଼ିଛି।

## ପଲ୍ଲୀ କବି ରାଧାମାଧବ ଗିରିଙ୍କ ଜୟନ୍ତୀ ଓ ଗଦାଧର ଗିରିଙ୍କ ଶ୍ରାଦ୍ଧବାର୍ଷିକୀ



ବାଲିଆପାଳ, ୧୨।୧ (ସମିସ): ଶିକ୍ଷାବ୍ୟବସ୍ଥା ମନୁଷ୍ୟକୁ ସୁରକ୍ଷିତ ତଥା ବଂଚିବାର ରାହା ଦେଖାଇଥାଏ। ସକାରାତ୍ମକ ଚିନ୍ତାଧାରା, କଠିନ ପରିଶ୍ରମ, ଦୃଢ଼ ଇଚ୍ଛାଶକ୍ତି ଏବଂ ଈଶ୍ୱର ବିଶ୍ୱାସୀ ହେବା ସହ ପିଲାମାନେ ଭଲ ମଣିଷ ହୁଅନ୍ତୁ ବୋଲି ଆଜି ବାଲିଆପାଳ ବ୍ଲକ ସୁନାରୁଇ ଗଦାଧର ଗିରି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟାଳୟର ପ୍ରତିଷ୍ଠାତା ପଲ୍ଲୀକବି ରାଧାମାଧବ ଗିରିଙ୍କ ୧୨୮ ତମ ଜୟନ୍ତୀ ଓ ସ୍ୱର୍ଗତ ଗଦାଧରଗିରିଙ୍କ ୩୯ ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଯୋଗଦେଇ ବସ୍ତା ବିଧାୟିକା ସୁବାସିନୀ ଜେନା ମତବ୍ୟକ୍ତ କରିଛନ୍ତି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ପ୍ରଧାନଙ୍କ ପୌରହିତ୍ୟରେ ମୁଖ୍ୟ ବକ୍ତା ଭାବରେ ବିଶିଷ୍ଟ କବି ଡ. କାଳିପଦ ପଣ୍ଡା, ସମ୍ମାନିତ ଅତିଥି ଭାବରେ ସାଂସଦ ପ୍ରତିନିଧି ରବୀନ୍ଦ୍ର ନାଥ ଅଣ୍ଡିଆ, ବଳରାମପୁର ସରପଂଚ ଅରୁଣ କୁମାର ପାଣିଗ୍ରାହୀ, ପଞ୍ଚାୟତ ସମିତି ସଦସ୍ୟ ମୀନକେତନ ଦାସମହାପାତ୍ର, ବାଲିଆପାଳ ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ବିଶ୍ୱମ୍ଭର ପାତ୍ର,ସିଆରସିସି ରବୀନ୍ଦ୍ର ବିଶ୍ୱାଳ, ମହେଶ୍ୱର ସେଠୀ, ପୁରାତନ ଛାତ୍ର ସଂସଦ ସଭାପତି ଇଂ ଅଚ୍ୟୁତା ନନ୍ଦ ଦାସ, ସଂପାଦକ ଇଂ ବିଜୟ ସେଠୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ହରେନ୍ଦ୍ର ବେହେରା, ପରିଚାଳନା କମିଟି ଉପଦେଷ୍ଟା କୀର୍ତ୍ତନଚନ୍ଦ୍ର ଧଳ, ମହେଶ୍ୱର ସେଠୀ ପ୍ରମୁଖ ଯୋଗଦେଇ ଥିଲେ। ଶିକ୍ଷକ ବ୍ୟୋମକେଶ ସାହୁ ଅତିଥପରିଚୟ ଓ ମଂଚ ଆହ୍ୱାନ କରିଥିବାବେଳେ ଶିକ୍ଷୟିତ୍ରୀ ପ୍ରିୟମ୍ବଦା ପାଲ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ।

# ଜାତୀୟ ଯୁବ ଦିବସରେ ସ୍ୱାମୀ ବିବେକାନନ୍ଦ ଜୟନ୍ତୀ









ବାଲେଶ୍ୱର,୧୨।୧(ସମିସ)

ଫକୀରମୋହନ ବିଶ୍ୱବିଦ୍ୟାଳୟରେ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଉପଲକ୍ଷେ ଜାତୀୟ ଯୁବ ଦିବସକୁ ଉତ୍ସାହ ସହ ପାଳନ କରାଯାଇଛି। ବିଶ୍ୱବିଦ୍ୟାଳୟ ଏନଏସଏସ ବ୍ୟୁରୋ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଧିକାରୀଗଣ, ଶିକ୍ଷକ, ଅଶିକ୍ଷଣ କର୍ମଚାରୀ, ଏନଏସଏସ ସ୍ୱେଚ୍ଛାସେବୀ ଓ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ସ୍ୱାଗତ ଭାଷଣ ପ୍ରଦାନ କରି ଏନଏସଏସ ବ୍ୟୁରୋର ସମନ୍ୱୟକ ପ୍ରଫେସର ଅମୂଲ୍ୟ କୁମାର ଆଚାର୍ଯ୍ୟ ଆଜିର ଯୁବପିଢ଼ିକୁ ଶକ୍ତିଶାଳୀ ଓ ଦୃଢ଼ ଗଢ଼ିତୋଳିବାରେ ସ୍ୱାମୀ ବିବେକାନନ୍ଦଙ୍କ ଦର୍ଶନର ଗୁରୁତ୍ୱକୁ ଉଜାଗର କରିଥିଲେ। ମୁଖ୍ୟ ଅତିଥି ଓ ସଭାପତି ଭାବେ ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ସ୍ୱାମୀ ବିବେକାନନ୍ଦ ଯୁବମାନଙ୍କୁ ଏକ ଶକ୍ତିଶାଳୀ ଓ ଆତ୍ମନିର୍ଭର ଦେଶର ସତ୍ୟ ଶିଳ୍ପୀ ଭାବେ ଦେଖୁଥିବା ଦୃଷ୍ଟିକୋଣକୁ ଉଲ୍ଲେଖ କରିଥିଲେ। ସମ୍ମାନୀତ ଅତିଥି ଭାବେ କୁଳସଚିବ କୁକୁମିନା ଦାସ ଏବଂ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା, ବକ୍ତାଭାବେ ବିବେକାନନ୍ଦ କେନ୍ଦ୍ର, ବାଲେଶ୍ୱରର ସହନଗର ପ୍ରମୁଖ ନରେଶ ପାଢ଼ୀ, ଆମନ୍ତ୍ରିତ ମୁଖ୍ୟବକ୍ତା ଡ. ସୁରଞ୍ଜନ ପଣ୍ଡା ଯୋଗଦେଇ ସ୍ୱାମୀ ବିବେକାନନ୍ଦଙ୍କ ଜୀବନ ଓ ଦେଶ ପ୍ରତି ତାଙ୍କର ସନ୍ଦେଶ ବିଷୟରେ ପ୍ରେରଣାଦାୟକ ବାର୍ତ୍ତାକୁ ଉପସ୍ଥାପନ କରିଥିଲେ। ଏନଏସଏସ ପ୍ରୋଗ୍ରାମ ଅଫିସର ସ୍ମୃତିରେଖା ସାହୁ ଧନ୍ୟବାଦ ଜ୍ଞାପନ କରିଥିଲେ। ସେହିପରି ବାଲେଶ୍ୱର କ୍ରୀଡ଼ା ଛାତ୍ରାବାସରେ ସ୍ୱାମୀ ବିବେକାନନ୍ଦଙ୍କ ପବିତ୍ର ଜୟନ୍ତୀ ପାଳନ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା ଜରୁରୀକାଳୀନ ଅଧିକାରୀ ସାଇକୃଷ୍ଣ ଜେନା ଓ ଜିଲ୍ଲା କ୍ରୀଡ଼ା ସଂଘର କର୍ମକର୍ତ୍ତା ଜଗଦୀଶ ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ବିବେକାନନ୍ଦ ଲୋକ ସଂସଦ:** ବିବେକାନନ୍ଦ ଲୋକ ସଂସଦ ଯୁବ ବିଭାଗ ତରଫରୁ ପୁରସ୍କାର ବିତରଣୀ ଉତ୍ସବ ଓ ଜାତୀୟ ଯୁବ ଦିବସ ଜଳେଶ୍ୱର ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିବେକାନନ୍ଦ ଲୋକ ସଂସଦର ଆଜୀବନ ସଦସ୍ୟ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ହରେକୃଷ୍ଣ ଗିରିଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଜଗନ୍ନାଥ ମହାବିଦ୍ୟାଳୟର ଅଧ୍ୟାପକ





ଅଶୋକ କୁମାର ରଥ, ମୁଖ୍ୟ ବକ୍ତା ଭାବେ ଜଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ରାଧାଗୋବିନ୍ଦ ଜେନା ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଅବସରପ୍ରାପ୍ତ ଅଧ୍ୟାପକ ନିଶିକାନ୍ତ ଗିରି ସଭା ପରିଚାଳନା କରିଥିବା ବେଳେ ପୂର୍ବତନ ପ୍ରଧାନ ଶିକ୍ଷକ ଯୋଗେଶ ଚନ୍ଦ୍ର ରାଉଳ ଅତିଥି ଆମନ୍ତ୍ରଣ ଓ ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ନମିତା ଗିରି ପୂଜ୍ୟପୂଜା ସଂସଦ ତରଫରୁ ହରେକୃଷ୍ଣ ଗିରି ୧୦ଜଣ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

**ଜାଗ୍ରତ ଜଳେଶ୍ୱର :** ଆଜି ସ୍ୱାମୀ ବିବେକାନନ୍ଦଙ୍କ ୧୬୪ ତମ ଜୟନ୍ତୀ ଉପଲକ୍ଷେ ଜାଗ୍ରତ ଜଳେଶ୍ୱର ସଂଗଠନ ପକ୍ଷରୁ ତାଙ୍କ ଜନ୍ମ ବାର୍ଷିକୀ ଓ ଯୁବ ଦିବସ ପାଳିତ ହୋଇଛି। ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ ପରିସରେ ଆଜି ଜାଗ୍ରତ ଜଳେଶ୍ୱରର ଯୁବ ଦିବସ ପାଳନ ଅବସରରେ ସଂଗଠନର ସଭାପତି କମଳ କୁମାର ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ କଲେଜ ଅଧ୍ୟକ୍ଷ ଡ. ବିବେକାନନ୍ଦ ସାହୁ ଯୋଗ ଦେଇ ସଂସ୍କୃତି ସମ୍ପନ୍ନ ଭାରତୀୟ ଆଧ୍ୟାତ୍ମିକ ଆକାଶରେ ସୂର୍ଯ୍ୟ ହେଉଛନ୍ତି ହେଉଛନ୍ତି ବିବେକାନନ୍ଦ। ଗୁରୁ ଶ୍ରୀରାମକୃଷ୍ଣ ପରିମହଂସ ଦେବଙ୍କ ଶିଷ୍ୟତ୍ୱ ଗ୍ରହଣ କରି ସେ ନରେନ୍ଦ୍ରରୁ ବିବେକାନନ୍ଦ କରିଣତ ହୋଇଥିଲେ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ କେଦାରନାଥ ମହାନ୍ତି ଯୁବପିଢ଼ି ଲୁହାଭଳି ଶକ୍ତ ଓ ସ୍ନାୟୁଭଳି ଇସ୍ପାତ ହେବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନୀତ ଅତିଥିଭାବେ ବିଜେପିର ରାଜ୍ୟ ସଂପାଦିକା ସିପ୍ରା ବାଜପେୟୀ ବକ୍ତବ୍ୟ ରଖିଥିଲେ। "ବିଶ୍ୱାସ'ର ସଂପାଦକ ସଂଗ୍ରାମ କେଶରୀ ପରିଡା ଜାଗ୍ରତ ଜଳେଶ୍ୱରର ପୃଷ୍ଠଭୂମୀ ଓ ଆଗାମୀ ଦିନରେ ଜଳେଶ୍ୱର ବିକାଶ କ୍ଷେତ୍ରରେ ନିଜକୁ ନିୟୋଜିତ କରିବା ସଂପର୍କରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୌରପାଳ ପ୍ରତାପ କୁମାର ପ୍ରଧାନ, ତହସିଲଦାର ସତ୍ୟଜିତ୍ ମହାନ୍ତି ସମ୍ମାନୀତ ଅତିଥିଭାବେ ଯୋଗଦେଇଥିବା ବେଳେ ପୂର୍ବାହ୍ନ ୧୦ଟାରେ ପ୍ରାୟ ୧ ହଜାର କଲେଜ ଛାତ୍ରଛାତ୍ରୀ ଜଳେଶ୍ୱର ରେଳ ଷ୍ଟେସନ ଠାରୁ ଇଣ୍ଡୋ ଷ୍ଟାଡିୟମ ଯାଏ ଶୋଭାଯାତ୍ରାରେ ଆସିଥିଲେ। ବରିଷ୍ଠ ସାମ୍ବାଦିକ ଅବନୀ ଚାନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

**ଔପଦା:** ଔପଦା ବ୍ଲକ ତଳକିଆ ପଞ୍ଚାୟତ ଖଇରା ଗ୍ରାମର ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ବିବେକାନନ୍ଦ ଜୟନ୍ତୀ ଓ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାକେନ୍ଦ୍ରେ ର ପ୍ରଧାନ ଆଚାର୍ଯ୍ୟ ସୁରେନ୍ଦ୍ର ନାଥ ବେହେରାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁଶ୍ରୀ ବିସିବିସ୍ୱା ପାତ୍ର, ମୁଖ୍ୟବକ୍ତା ଭାବେ ଫତେପୁର ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଜିତେନ୍ଦ୍ର ବେହେରା, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟା ମୁନି ସିଂ, ପୂର୍ବତନ ସମିତି ସଭ୍ୟ ତଥା ଅଭୟ ନ୍ୟୁଜ ଏଡିଟର ଅଶୋକ କୁମାର ପ୍ରଧାନ ବକ୍ତବ୍ୟ ରଖିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଡିମ୍ବିରା ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନରେନ୍ଦ୍ର ରାଉଳ, ଅବସରପ୍ରାପ୍ତ ଶିକ୍ଷକ ଲୋକନାଥ ସାହୁ, ବିବେକାନନ୍ଦ ବିଦ୍ୟାଳୟର ପ୍ରତିଷ୍ଠାତା ଗଡ଼ସଙ୍ଗ ହାଇସ୍କୁଲର ପ୍ରଧାନଶିକ୍ଷକ ଶିବ ପ୍ରସାଦ ବଳ ପ୍ରମୁଖ ଯୋଗଦେଇ ଥିଲେ। ଏହି ଅବସରରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। କୁମୁଦିନୀ ନାୟକ ବାର୍ଷିକ ବିବରଣୀ ପାଠ ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

**ସୋର:** ସୋର ଉତ୍ତରେଶ୍ୱରସ୍ଥିତ ସ୍ୱର୍ଗତ ଶିଳ୍ପୀ ରାଜବଲ୍ଲଭ ସାହୁଙ୍କ ଦ୍ୱାରା ପ୍ରତିଷ୍ଠିତ କଳାଘର ଠାରେ ବାଲେଶ୍ୱର ଜିଲା ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ତରଫରୁ ଚିତ୍ରକଳା ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଂସଦର ସମ୍ପାଦକ ରାମଚନ୍ଦ୍ର ପୃଷ୍ଟିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ ତୃପ୍ତିମୟୀ ଜେନା। ମୁଖ୍ୟ ଅତିଥି ଭାବେ ରାଧାନାଥ ପାଠାଗାରର ସମ୍ପାଦକ ଦାମୋଦର ଦାଶ ମହାପାତ୍ର, ମୁଖ୍ୟ ବକ୍ତା ଭାବେ ଜମେଶ୍ୱର ମହାବିଦ୍ୟାଳୟର ଗଣିତ ଅଧ୍ୟାପକ ତଥା ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ପରିବେଶ ପରିଷଦର ସମ୍ପାଦକ ମନୀନ୍ଦ୍ର କୁମାର ଦୀକ୍ଷିତ କଳାର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ବକ୍ତା ଭାବେ ରାମଚନ୍ଦ୍ର ପାଢ଼ୀ, ସୁମନ୍ତ କୁମାର ଦେ, ମନୋଜ କୁମାର ଜେନା ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଶିଳ୍ପୀ ଅରୋଆଶିଷ ବଲ୍ଲଭ ସାହୁ ପରିଚାଳନା କରିଥିବା ବେଳେ କଳାଘର ଅଧ୍ୟକ୍ଷା ଦୀପ୍ତି ଦଣ୍ଡପାଟ ଧନ୍ୟବାଦ ଅର୍ପଣ କରିଥିଲେ।

**ନୀଳଗିରି:** ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଓ ବନ୍ଦେ ମାତରମ୍ କାର୍ଯ୍ୟକ୍ରମ ନୀଳଗିରି ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ଅଧ୍ୟକ୍ଷା ମଞ୍ଜୁଶ୍ରୀ ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ମହାବିଦ୍ୟାଳୟର ବରିଷ୍ଠ ଅଧ୍ୟାପିକା ମମତା ବରାଳ, ମୁଖ୍ୟବକ୍ତା ଭାବରେ ବରିଷ୍ଠ ଅଧ୍ୟାପିକା ଡ. ଶିବାନୀ ଡଗର, ସମ୍ମାନିତ ଅତିଥି ଭାବରେ ଅଧ୍ୟାପକ ଡ. ହରିପଦ ଦାଶ, ଅଧ୍ୟାପିକା ମଣିମାଳା ବିଶ୍ୱାଳ, ମମତା ପ୍ରିୟଦର୍ଶିନୀ ସାହୁ, ସୁଷମା ସିଂହ, ମୋନାଲିସା ଭୋଳ, ପବିତ୍ରା ବେହୁରିଆ, ନିରୁପମା ନାୟକ, ଗ୍ରାନ୍ଥଗାରିକ ପ୍ରସନ୍ନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଉତ୍ସବକୁ ୟୁଥ୍ ରେଡକ୍ରସ, ରେଡ୍ ରିବନ୍ କ୍ଲବ ଓ ଜାତୀୟସେବା ଯୋଜନାର ପ୍ରୋଗ୍ରାମ ଅଫିସର ଅଧ୍ୟାପିକା ମୌସୁମୀ ଭୋଳ ଓ କାଉନସେଲର ଡ. ପ୍ରଦୀପ୍ତ କୁମାର ମିଶ୍ର ସଞ୍ଚାଳନ କରିଥିଲେ।

